# Akashvani, Sambalpur

## SAMBALPURI NEWS EVENING BULLETIN

## 11 August 2026-7.02- 7.12 pm.

---

୧- ସଂସଦ୍ ନ ଆଏଜ୍ ପାରିତ୍ ହେଲା ଟ୍ରିବ୍ୟୁନାଲ୍ ସଂସ୍କାର୍ ବିଲ୍ - ୨୦୨୬ ।

୨- ନୂଆଦିଲ୍ଲୀ ନ କେନ୍ଦ୍ର ବିଜ୍ଞାନ୍ ଆଉ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀଙ୍କୁ ଭେଟ୍‌ଲେ ରାଜ୍ୟ ବିଜ୍ଞାନ୍ ଆଉ ପ୍ରଯୁକ୍ତି ବିଦ୍ୟାମନ୍ତ୍ରୀ ।

- ଓଡ଼ିଶା ନ ବିରଳ ମୃତିକାର୍ କୁଡ଼୍‌ବାର୍ ଆଉ ପ୍ରକ୍ରିୟାକରଣ୍ କାମ୍‌କେ ତୁର୍‌ତି କର୍‌ବାର୍ ଉପ୍‌ରେ ହେଲା ଆଲୋଚନା ।

- ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲାଇଫ୍ ସାଇନ୍‌ସେସ୍ ସମ୍ପ୍ରସାରଣ୍ ଲାଗି ଓଡ଼ିଶା ସର୍‌କାର୍ ଯୁଗେଇ ଦେବେ ୫୦ ଏକଡ଼୍ ଜମି ।

୩- ମୁଖ୍ୟମନ୍ତ୍ରୀଙ୍କର୍ ଅଧ୍ୟକ୍ଷତାଥି ଆଏବା କାଏଲ୍ ହେବା ରାଜ୍ୟ କେବିନେଟ୍ ବୈଠକ୍ ।

ଆଉର୍

୪- ରାଏଜେ ଖୋବ୍ ଜଲ୍‌ଦି ନିଯୁକ୍ତ ହେବେ ଲୋକାୟୁକ୍ତ - ସୂଚ୍‌ନା ଦେଲେ ରାଜସ୍ୱ ମନ୍ତ୍ରୀ ।

ସଂସଦ୍           ଏନ୍ଏସ୍ଡି

ଟ୍ରିବ୍ୟୁନାଲ୍ ସଂସ୍କାର୍ ବିଲ୍ ଆଏଜ୍ ସଂସଦ୍ ନ ପାରିତ୍ ହେଇଛେ । ରାଜ୍ୟସଭା ନ ଆଏଜ୍ ଇ ବିଲ୍ ଅନୁମୋଦନ୍ ହେଇଥିବାର୍ ବେଲେ ଇତାର୍ ଆଗ୍ରୁ ଲୋକ୍ସଭା ଇତାକେ ପାରିତ୍ କରିସାରିଛେ । ୨ ନମ୍ବର୍ ମୁଲ୍ତବୀ ଉତ୍ରୁ ଦୁଇପହରର୍ ୨ ବଜେ ସଦନ୍ ଫେର୍ଘାଏ ବସ୍ବାର୍ ଉତ୍ରୁ ଆଇନ୍ ଆଉ ନ୍ୟାୟ ରାଷ୍ଟ୍ରମନ୍ତ୍ରୀ ଅର୍ଜୁନ୍ ରାମ୍ ମେଘ୍ୱାଲ୍ ଇ ବିଲ୍ ଉପସ୍ଥାପନ୍ କରିଥିଲେ । ଇ ବିଲ୍ ଭିନ୍ ଭିନ୍ ଟ୍ରିବ୍ୟୁନାଲ୍ର ଅଧ୍ୟକ୍ଷ ଆଉ ସଦସ୍ୟ ମାନ୍କର୍ ଯୋଗ୍ୟତା, ନିଯୁକ୍ତି ଆଉ ସେବା ସର୍ତଥି ଦକ୍ଷତା, ସ୍ୱାଧୀନତା ଆଉ ସ୍ୱଚ୍ଛତା ଆନ୍ବାର୍ ସହେତେ ଟ୍ରିବ୍ୟୁନାଲ୍ର ପ୍ରଶାସନ୍ ଆଉ କାମ୍କେ ଉନ୍ନତ୍ କର୍ବାର୍ ଲକ୍ଷ୍ୟ ରଖିଛେ । ବିଲ୍ଥି ଗୁଟେ ଜାତୀୟ ଟ୍ରିବ୍ୟୁନାଲ୍ ଆୟୋଗ୍ ଗଠନ୍ର ଭିଲ୍ ପ୍ରସ୍ତାବ୍ ରହିଛେ । ବିଲ୍ ଉପ୍ରେ ଆଲୋଚନା ଉତର୍ ରଖିକରି ଶ୍ରୀ ମେଘ୍ୱାଲ୍ କହିଛନ୍, ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ନେତୃତ୍ୱଥି ୨୦୧୫ ନୁ ସର୍କାର୍ ଟ୍ରିବ୍ୟୁନାଲ୍ର ଯୁକ୍ତିକରଣ୍ ପ୍ରକ୍ରିୟା ମୁଲ୍ କରିଥିଲେ । ଟ୍ରିବ୍ୟୁନାଲ୍ ସଂସ୍କାର୍ ବିଲ୍-୨୦୨୬ ଗୁଟେ ଆଧୁନିକ୍, ସ୍ୱାଧୀନ୍ ଆଉ ସମାନ୍

ଟିବ୍ୟୁନାଲ୍ ବ୍ୟବସ୍ଥା ଗଠନ୍ ଲାଗି ଅନାଯାଇଛେ । ନୂଆଁ ବିଲ୍ ଅନ୍ସାରେ ଗଠିତ୍ ହେବାର୍କେ ଥିବା ଜାତୀୟ ଟ୍ରିବ୍ୟୁନାଲ୍ ଆୟୋଗ୍ର ଅଧକ୍ଷତା ଝନେ ସୁପ୍ରିମ୍କୋର୍ଟର ଆଘର୍ ବିଚାର୍ପତି ନାହେତ ଉଚ୍ଚନ୍ୟାୟାଲୟର୍ ଆଘର୍ ମୁଖ୍ୟ ବିଚାର୍ପତି କର୍ବେ ।

ବିଲ୍ ପାରିତ୍ ହେବାର୍ ଉତ୍ରୁ ସଦନ୍ ନ ବିଶେଷ୍ ଉଲ୍ଲେଖ୍ ଆଲୋଚନା ଉତ୍ରୁ ଅଧକ୍ଷ ଆଏବା କାଏଲ୍ତକ୍ ସଦନ୍କେ ମୁଲ୍ତବୀ ଘୋଷ୍ନା କରିଛନ୍ ।

ସେଆଡ଼େ ଲୋକ୍ସଭା ନ ଭିନ୍ ଭିନ୍ ପ୍ରସଙ୍ଗକେ ନେଇକରି ବିରୋଧୀ ସଦସ୍ୟମାନ୍କର୍ ହୋହଲ୍ଲା ଜାରି ରହେବାର୍ନୁ ଗୃହକାର୍ଯ୍ୟ ବାଧାପ୍ରାପ୍ତ ହେଇଥିଲା । ସେଥିର୍ଲାଗି ସଦନ୍କେ ଆଏବାକାଏଲ୍ତକ୍ ମୁଲ୍ତବୀ ଘୋଷ୍ନା କରାଯାଇଛେ ।

ଲୋକ୍ସଭା-ଫାର୍ମର୍ ଆଇଡି ଏନ୍ଏସ୍ଡି

ଦେଶେ ଏବ୍ତକ୍ ୧୦ କୋଟି ୩୩ ଲାଖ୍ ନୁ ଅଏତ୍କା ଚାଷୀମାନ୍କୁ ପରିଚୟ ପତ୍ର ଦିଆଯାଇଛେ ବଲି ସର୍କାର୍ଙ୍କର୍ ତର୍ଫୁ ସୂଚ୍ନା ଦିଆଯାଇଛେ । ପ୍ରଧାନ୍ମନ୍ତ୍ରୀ କିଷାନ୍ ସମ୍ମାନ୍ ନିଧି

ଯୋଜ୍‌ନା, ଫସଲ୍ ବୀମା ଯୋଜ୍‌ନା ଆଉ ସର୍ବନିମ୍ନ ସହାୟକ୍ ମୂଲ୍ୟ ଆଧାରିତ୍ ଅର୍ଥ ହସ୍ତାନ୍ତର୍ ଆଉ ବିପର୍ଯ୍ୟୟ କ୍ଷେତ୍ରଥି ରିଲିଫ୍ ଦେବାର୍ ବ୍ୟବସ୍ଥା ସହଜ୍ ଆଉ ତୁର୍‌ତି ହେଇପାରିଛେ । ଆଏଜ୍ ଲୋକ୍‌ସଭା ନ ଗୁଟେ ଲିଖିତ୍ ଉତର୍‌ଥି କେନ୍ଦ୍ର କୃଷି ଆଉ କୃଷକ୍ କଲ୍ୟାଣ୍ ରାଷ୍ଟ୍ରମନ୍ତ୍ରୀ ରାମ୍‌ନାଥ୍ ଠାକୁର୍ କହିଛନ୍, ଚାଷୀମାନେ ସେମାନ୍‌କର୍ ମୋବାଇଲ୍ ଫୋନ୍ ବେଭାର୍ କରିକରି କୃଷକ୍ ଚିହ୍ନଟ୍ ପତ୍ର ଲାଗି ପଞ୍ଜିକରଣ୍ କରିପାର୍‌ବେ । ଇ ପଦକ୍ଷେପ୍ ଜରିଏ ଡିଜିଟାଲ୍ କୃଷି ମିଶନ୍ ଆଉ ଅଲ୍‌ଗା କୃଷକ୍ କୈନ୍ଦ୍ରିକ ଡିଜିଟାଲ୍ ସେବା କ୍ଷେତ୍ରଥି ଚାଷୀମାନେ ଲାଭ୍ ପାଇପାର୍‌ବେ ବଲି ସେ କହିଛନ୍ ।

କେନ୍ଦ୍ର ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ପି.ଆଇ.ବି.

କେନ୍ଦ୍ର ବିଜ୍ଞାନ୍ ଆଉ ପ୍ରଯୁକ୍ତି ବିଦ୍ୟାମନ୍ତ୍ରୀ ଡାକ୍ତର୍ ଜିତେନ୍ଦ୍ର ସିଂ ଓଡ଼ିଶା ଲାଗି ଗୁଟେ ଏକିକୃତ ରୋଡ୍‌ମେପ୍ ଘୋଷ୍‌ନା କରିଛନ୍ । ଇଥି କେନ୍ଦ୍ର ସର୍‌କାର୍‌ଙ୍କର୍ ବିରଳ ମୃତିକା କରିଡ଼ର୍ ପ୍ରସ୍ତାବ୍,

ରାଜ୍ୟର୍ ସମୃଦ୍ଧ ସାମୁଦ୍ରିକ ଆଉ ଉପକୂଳ ସଂପଦ୍, ମହାକାଶ୍ କ୍ଷମତା ଆଉ ବୈଜ୍ଞାନିକ୍ ଅନୁଷ୍ଠାନ୍ ମାନ୍କର୍ ସମ୍ପ୍ରସାରଣ୍‌ରେ ପ୍ରସ୍ତାବ୍ ରହିଛେ । ଆଏଜ୍ ନୂଆଦିଲ୍ଲୀ ନ  ଓଡ଼ିଶାର୍ ବିଜ୍ଞାନ୍ ଆଉ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କେନ୍ଦ୍ର ମନ୍ତ୍ରୀ ଡାକ୍ତର୍ ଜିତେନ୍ଦ୍ର ସିଂଙ୍କୁ ଭେଟ୍‌ବାର୍ ସମିଆଥି ଇବାବ୍‌ଦେ ଆଲୋଚନା ହେଇଛେ । ବୈଠକ୍‌ଥି ଭାରତ୍ ସର୍‌କାର୍‌ଙ୍କର୍ ଜୈବ ପ୍ରଯୁକ୍ତିବିଦ୍ୟା ଅଧୀନ୍‌ଥି ଭୁବ୍‌ନେଶ୍ୱର୍ ନ ଥିବା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲାଇଫ୍ ସାଇନ୍‌ସେନ୍ସ ସମ୍ପ୍ରସାରଣ୍ ଲାଗି ଓଡ଼ିଶା ସର୍‌କାର୍ ଅତିରିକ୍ତ ୫୦ ଏକଡ଼୍ ଜମି ଯୁଗେଇ ଦେବେ ବଲି ନିଷ୍ପତି ନିଆଯାଇଛେ ।  କେନ୍ଦ୍ରୀୟ ବଜେଟ୍ ଘୋଷ୍‌ନା ଅନ୍‌ସାରେ ଓଡ଼ିଶା ନ ବିରଳ ମୃତିକା କରିଡ଼ର୍‌ର କାମ୍‌କେ ତୁର୍‌ତି କରାଯିବା । ଇତାକେ କୁଡ଼୍‌ବାର, ପ୍ରକ୍ରିୟାକରଣ୍, ଉନ୍ନତ ସାମଗ୍ରୀ ଉତ୍ପାଦନ୍‌ଥି ରାଜ୍ୟର୍ ଭୂମିକାକେ ବଢ଼ାବାର୍‌କେ ଲକ୍ଷ୍ୟ ରଖାଯାଇଛେ ବଲି କେନ୍ଦ୍ରମନ୍ତ୍ରୀ ଡାକ୍ତର୍ ସିଂ କହିଛନ୍ । ସେନ୍ତା ଇସ୍ରୋର୍ ସାହାଜ୍‌ଥି ରାଏଜେ ପିପିପି ମୋଡ୍‌ଥି ଗୁଟେ ମହାକାଶ୍ ଗବେଷଣା ଆଉ ଉତ୍ପାଦନ୍ କେନ୍ଦ୍ର ଥାପ୍‌ନା ଲାଗି ଆଲୋଚନା ହେଇଛେ । ଇତାର୍‌ଛଡ଼ା ଓଡ଼ିଶା

ଗଭୀର ସମୁଦ୍ର ମତ୍ସ୍ୟଚାଷ୍ ମିଶନ୍ ଆଉ ରାଏଜେ ଗୁଟେ ଆଧୁନିକ୍ ସାଇନ୍ସ ସିଟି ଥାପ୍‌ନା କର୍‌ବାର୍‌କେ ଭିଲ୍ ନିଷ୍ପତି ନିଆୟାଇଥିବାର୍ ଜନାପଡ଼ିଛେ ।

ସାର କଳାବଜାରୀ ଆର୍‌ଏନ୍‌ୟୁ/ ସମ୍ବଲପୁର

ସାର କଳାବଜାରୀ ପ୍ରସଙ୍ଗଥି ସର୍‌କାର୍ ଶୂନ୍ୟ ସହନଶୀଳତା ନୀତି ଅପନଉଛନ୍ ବଲି ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ କହିଛନ୍ । ସାର୍ ଯୋଗାଣ ସମିଆଥି ଦୁର୍ନୀତି ଅଭିଯୋଗ୍ ସାମ୍ନାକେ ଆସ୍‌ଲେ ସେମାନ୍‌କର୍ ବିରୋଧିଥି କଡ଼ା କାର୍ଯ୍ୟାନୁଷ୍ଠାନ୍ ନିଆୟିବା ବଲି ଶ୍ରୀ ସିଂହଦେଓ କହିଛନ୍ ।

ଏଂଟି ରେଗିଂ ଆର୍‌ଏନ୍‌ୟୁ/ କଟକ୍

ଉଚ୍ଚଶିକ୍ଷାନୁଷ୍ଠାନ୍ ମାନ୍‌କେ ଛାତ୍ରଛାତ୍ରୀମାନ୍‌କର୍ ସୁରକ୍ଷାକେ ନଜର୍‌ଥି ରଖିକରି ସର୍‌କାର୍ ଭିନ୍ ଭିନ୍ ପଦକ୍ଷେପ୍ ନେଉଛନ୍ । ଚଲ୍‌ତି

ଶିକ୍ଷା ବର୍ଷର୍ ମୁଳ୍ ହେବାର୍ ଆଘୋନୁ ସବୁ ଉଚ୍ଚଶିକ୍ଷାନୁଷ୍ଠାନ୍ ମାନ୍‌କେ ଏଂଟି ରେଗିଂ କମିଟି ମାନ୍‌କର୍ ପୁନର୍ଗଠନ୍ କର୍‌ବାର୍‌କେ ନିର୍ଦ୍ଦେଶ୍ ଦିଆଯାଇଛେ । ଆଏବା ୭ ଦିନ୍ ଭିତ୍‌ରେ ଇ ପ୍ରକ୍ରିୟା ପୁରାପୁରି ଶେଷ୍ ହେବା । ଛାତ୍ରଛାତ୍ରୀମାନ୍‌କର୍ ଅଭିଯୋଗ୍‌ର ତୁର୍‌ତି ସମାଧାନ୍ ଲାଗି ସର୍‌କାର୍ ଜୋର୍ ଦଉଛନ୍ । ଦର୍‌କାର୍ ହେଲେ ଓମ୍ବୁଡ୍ସମେନ୍ ଙ୍କର୍ ନିଯୁକ୍ତି ଆଉ ଇ ବ୍ୟବସ୍ଥାକେ ସକ୍ରିୟ କର୍‌ବାର୍‌କେ ନିର୍ଦ୍ଦେଶ୍ ଦିଆଯାଇଛେ । ଛାତ୍ରଛାତ୍ରୀମାନ୍‌କର୍ ସୁବିଧାକେ ସୁନିଶ୍ଚିତ୍ କର୍‌ବାର୍ ଲାଗି ବିଶ୍ୱବିଦ୍ୟାଳୟ ଆଉ କଲେଜ୍ ମାନ୍‌କୁ କମିଟିର୍ ଅଧ୍ୟକ୍ଷ, ନୋଡ଼ାଲ୍ ଅଧିକାରୀ ଆଉ ସଦସ୍ୟମାନ୍‌କର୍ ନାଁ, ପଦ୍‌ବୀ, ସର୍‌କାରୀ ଇ-ମେଲ୍ ଆଇଡି ଆଉ ଫୋନ୍ ନମ୍ବର୍ ସବୁକେ ପ୍ରଦର୍ଶନ୍ କର୍‌ବାର୍‌କେ କୁହାଯାଇଛେ । ଇସବୁ ତଥ୍ୟ ଅନୁଷ୍ଠାନ୍‌ର ନୋଟିସ୍ ବୋର୍ଡ଼ ସହେତେ ସର୍‌କାରୀ ୱେବ୍‌ସାଇଟ୍ ନ ଦେବାର୍‌କେ ପଡ଼୍‌ବା, ଯେନ୍‌ଥିର୍‌ଲାଗି ଦର୍‌କାର୍ ସମିଆଥି ଛାତ୍ରଛାତ୍ରୀମାନେ ଅଧିକାରୀମାନ୍‌କର୍ ସାଙ୍ଗେ ସିଧାସଲଖ୍ ଯୋଗାଯୋଗ୍ କରିପାର୍‌ବେ । ଯୌନ ଉତ୍ପୀଡ଼ନ୍ ଅଟ୍‌କାବାର୍ ଲାଗି

ଆଭ୍ୟନ୍ତରିଣ୍ କମିଟି ଗଠନ୍ କର୍‌ବାର୍‌କେ ସବୁ କଲେଜ୍‌ମାନ୍‌କୁ ନିର୍ଦ୍ଦେଶ୍ ଦିଆଯାଇଛେ । ଇତାର୍‌ସହେତେ ମାନସିକ ସ୍ୱାସ୍ଥ୍ୟ ଲାଗି କାଉନ୍‌ସେଲିଂ ବ୍ୟବସ୍ଥା କରାଯିବାର୍ ଉପ୍‌ରେ ଜୋର୍ ଦିଆଯାଇଛେ ।

ରାଜ୍ୟ କେବିନେଟ୍ ଆଇ.ଆଣ୍ଡ୍.ପି.ଆର୍

ଭୁବନେଶ୍ୱର୍ ଲୋକସେବା ଭବନ୍ ନ ଆଏବା କାଏଲ୍ ରାଜ୍ୟ କେବିନେଟ୍‌ର ବୈଠକ୍ ହେବା । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ଅଧ୍ୟକ୍ଷତାଥି ହେବାର୍‌କେ ଥିବା ଇ ବୈଠକ୍‌ଥି ଭିନ୍ ଭିନ୍ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ୍‌କେ ମଞ୍ଜୁରୀ ମିଲ୍‌ବାର୍ ସମ୍ଭାବନା ରହିଛେ । ବୈଠକ୍‌ଥି ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗ ଆଉ ଅଲ୍‌ଗା ବିଭାଗୀୟ ଅଧିକାରୀମାନେ ଉପସ୍ଥିତ୍ ରହେବେ ବଲି ଜନାପଡ଼ିଛେ ।

ଲୋକାୟୁକ୍ତ ପଦବୀ ହି.ସ.

ରାଏଜେ ଖୋବ୍ ଜଲ୍‌ଦି ଲୋକାୟୁକ୍ତ ନିଯୁକ୍ତି କରାଯିବା ବଲି ରାଜସ୍ୱ ମନ୍ତ୍ରୀ ସୁରେଶ୍ ପୂଜାରୀ କହିଛନ୍ । ଇଟାକେ ନେଇକରି ପ୍ରକ୍ରିୟା ମୁଲ୍ ହେଇଛେ । ବହୁତ୍ ଜଲ୍‌ଦି ନିଯୁକ୍ତି ଶେଷ୍ ହେବା ବଲି ଶ୍ରୀ ପୂଜାରୀ କହିଛନ୍,

(ଭଏସ୍ ଓଭର୍- ସୁରେଶ୍ ପୂଜାରୀ)

ଆଘୋନୁ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ଅଧ୍ୟକ୍ଷତାଥି ଚୟନ କମିଟିର୍ ପହେଲା ବୈଠକ୍ ହେଇସାରିଛେ । ଓଡ଼ିଶା ଲୋକାୟୁକ୍ତ ଅଧ୍ୟକ୍ଷ ଆଉ ସଦସ୍ୟମାନ୍‌କର୍ ପଦ୍‌ବୀ ୨୦୨୪ ମସିହା ମାର୍ଚ୍ଚ ମାସୁ ଖାଲି ପଡ଼ିଥିଲା । ଆଘର୍ ଅଧ୍ୟକ୍ଷ ଜଷ୍ଟିସ୍ ଅଜିତ୍ ସିଂ ଆଉ ଅଲ୍‌ଗା ସଦସ୍ୟମାନେ ଅବସର ନେବାର୍ ଉତ୍‌ରୁ ଇ ସଂସ୍ଥାଥି ପାଖାପାଖି ୨ ବଛର୍‌ନୁ ଅଏତ୍‌କା ସମିଆ ଧରିକରି ପଦ୍‌ବୀ ଖାଲି ପଡ଼ିଛେ । ଓଡ଼ିଶା ଲୋକାୟୁକ୍ତ ଆଇନ୍ ୨୦୧୪ ଅନ୍‌ସାରେ ଇଟା ଗଠନ୍ ହେଇଥିଲା ।

ଗୀତା ପାଠ ପ୍ରତିଯୋଗିତା ଆର୍‌ଏନ୍‌ୟୁ/ କଟକ୍

ଛାତ୍ରଛାତ୍ରୀମାନ୍‌କର୍ ଭିତ୍‌ରେ ଭଗ୍‌ବତ୍ ଗୀତାର୍ ଜ୍ଞାନ୍ ଆଉ ଆଧ୍ୟାତ୍ମିକ୍ ଚେତନା ବଢ଼ାବାର୍ ଲକ୍ଷ୍ୟଥି ରାଜ୍ୟର୍ ସ୍କୁଲ୍, କଲେଜ୍ ଆଉ ବିଶ୍ୱବିଦ୍ୟାଳୟ ନ ଗୀତାପାଠ୍ ପ୍ରତିଯୋଗିତାର୍ ଆୟୋଜନ୍ କରାଯିବା । ଇଥିର୍‌ଲାଗି ଉଚ୍ଚଶିକ୍ଷା ବିଭାଗ୍ ତରଫ୍ରୁ ସବୁ ବିଶ୍ୱବିଦ୍ୟାଳୟ ଆଉ ମହାବିଦ୍ୟାଳୟମାନ୍‌କୁ ଜନେଇ ଦିଆଯାଇଛେ । ଭଗ୍‌ବତ୍ ଗୀତାର୍ ୬ ନମ୍ବର୍ ଅଧ୍ୟାୟ ଆତ୍ମସଂଯମ୍ ଯୋଗକେ ଆଧାର୍ କରିକରି ଇ ପ୍ରତିଯୋଗିତା ହେବା । ତାର୍ ଉତ୍‌ରୁ ବିଜେତାମାନେ ରାଜ୍ୟସ୍ତରୀୟ ପ୍ରତିଯୋଗିତାଥି ଭାଗ୍ ନେବେ । ରାଜ୍ୟସ୍ତର୍ ନ ପୁରସ୍କୃତ୍ ଛାତ୍ରଛାତ୍ରୀମାନ୍‌କୁ ବଛ୍‌ରେ ଲାଗି ବୃତି ଦିଆଯିବା । ଗୀତା ପାଠ ପ୍ରତିଯୋଗିତାଥି ଭାଗ୍ ନେବାର୍ ଲାଗି ଛାତ୍ରଛାତ୍ରୀମାନ୍‌କର୍‌ନୁ କେନ୍‌ସି ପ୍ରକାର୍‌ର ଦେୟ ନାଇଁ ନିଆଯାଏ ।

ଚିତାଲାଗି ଅମାବାସ୍ୟା ପୁରୀ ସମ୍ବାଦଦାତା

ପୁରୀ ଶ୍ରୀମନ୍ଦିର୍ ନ ଶ୍ରାବଣ୍ ମାସର୍ ଅନ୍ଧାର୍ ପଖର୍ ଉଆଁସ୍ ତିଥି ନ ଆଏବା କାଏଲ୍ ମାହାପୁରୁମାନ୍‌କର୍ ଚିତାଲାଗି ନୀତି କରାଯିବା । ଇଥିର୍‌ଲାଗି ପହେଲା ଭୋଗମଣ୍ଡପ୍ ନୀତି ଶେଷ୍ ହେବାର୍ ଉତ୍‌ରୁ ଦୁଇପହରର୍ ୨ ନୁ ସଞ୍ଝର୍ ୭ ବଜେତକ୍ ୫ ଘଂଟା ଲାଗି ସର୍ବସାଧାରଣ୍ ଦର୍ଶନ୍ ବନ୍ଦ୍ ରହେବା ବଲି ଶ୍ରୀମନ୍ଦିର୍ ପ୍ରଶାସନ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ହର୍‌ଘର୍ ତିରଙ୍ଗା          ହି.ସ./ଦେବ୍‌ଗଡ଼୍/ବର୍‌ଗଡ଼୍/ବୌଦ୍ଧ

ବଲାଙ୍ଗିର୍ ଜିଲ୍ଲା ପାଟ୍‌ନାଗଡ଼୍ ନ ହର୍‌ଘର୍ ତିରଙ୍ଗା ଅଭିଯାନ୍ ପଦଯାତ୍ରାଥି ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ଯୋଗ୍ ଦେଇଥିଲେ । ଇ ଅଭିଯାନ୍ ଖାଲି ଗୁଟେ କାର୍ଯ୍ୟକ୍ରମ୍ ନୁହେଁ, ଇଟା ଆମର୍ ଏକତା, ଆତ୍ମସମ୍ମାନ୍ ଆଉ ସ୍ୱାଧୀନତା ସଂଗ୍ରାମୀ ମାନ୍‌କର୍ ବଳିଦାନ୍ ଲାଗି ବିନମ୍ର ଶ୍ରଦ୍ଧାଞ୍ଜଳି ଆଏ । ସଭେ ନିଜର୍ ଘରେ ତ୍ରିରଙ୍ଗା ପତକା ଉଡ଼େଇକରି ଦେଶର୍ ଏକତା, ଅଖଣ୍ଡତା ଆଉ ପ୍ରଗତିକେ ବର୍‌କସ୍ କର୍‌ବାର୍ ଲାଗି ସଂକଳ୍ପ ବଦ୍ଧ ହେବାର୍‌କେ ଉପମୁଖ୍ୟମନ୍ତ୍ରୀ କହିଛନ୍ ।

ଦେବ୍‌ଗଡ୍‌ ଜିଲ୍ଲାପାଲ୍‌ କବୀନ୍ଦ୍ର କୁମାର୍‌ ସାହୁଙ୍କର୍‌ ଅଧ୍ୟକ୍ଷତାଥି ହେଇଥିବା ବୈଠକ୍‌ଥି ଆଏବା ୧୭ ତାରିଖ୍‌ତକ୍‌ ଜିଲ୍ଲା ନ ହର୍‌ଘର୍‌ ତ୍ରିରଙ୍ଗା କାର୍ଯ୍ୟକ୍ରମ୍‌ ଆୟୋଜିତ୍‌ ହେବା । ଇ ଅବ୍‌ସରେ ବରପୁତ୍ରମାନ୍‌କର୍‌ ପ୍ରତିମୂର୍ତିଥି ଫି’ ଦିନ ମାଲ୍ୟାର୍ପଣ୍‌, ମୋଟର୍‌ ସାଇକିଲ୍‌ ରେଲି ଆଉ ତ୍ରିରଙ୍ଗା ରେଲି ସହର୍‌ ପରିକ୍ରମା କର୍‌ବାର୍‌ କାର୍ଯ୍ୟକ୍ରମ୍‌ ରହିଛେ ।

ବର୍‌ଗଡ୍‌ ଜିଲ୍ଲା ନ ହେଇଥିବା ତ୍ରିରଙ୍ଗା ଶୋଭାଯାତ୍ରାଥି ୧୫ ଶହ ନୁ ଅଏତ୍‌କା ଛାତ୍ରଛାତ୍ରୀ, ଏନ୍‌ସିସି, ସ୍କାଉଟ୍‌- ଗାଇଡ୍‌ କେଡ଼େଟ୍‌, ସ୍ୱେଚ୍ଛାସେବୀ ଆଉ ସାଧାରଣ୍‌ ଲୁକେ ସାମିଲ୍‌ ହେଇଥିଲେ ।

ବୌଦ୍ଧ ଜିଲ୍ଲା ପ୍ରଶାସନ୍‌ ତର୍‌ଫୁ ହର୍‌ଘର୍‌ ତ୍ରିରଙ୍ଗା ଅଭିଯାନ୍‌ଥି ଆଏଜ୍‌ ରଙ୍ଗୋଲି ପ୍ରତିଯୋଗିତା ହେଇଯାଇଛେ । ନେତାଜୀ ଛକ୍‌ ଆଉ ମର୍ଜାକୁଦ ବ୍ରିଜ୍‌ ପାଶେ ଇ ପ୍ରତିଯୋଗିତା କରାଯାଇଥିଲା । ପ୍ରତିଯୋଗିତାଥି ଜିଲ୍ଲାସ୍ତରୀୟ ଅଧିକାରୀ , ଭିନ୍‌ ଭିନ୍‌ ଶିକ୍ଷାନୁଷ୍ଠାନ୍‌ର ଛାତ୍ରଛାତ୍ରୀ ମାନେ ଯୋଗ୍‌ ଦେଇଥିଲେ ।

ଏସ୍ଆଇଆର୍-ନୂଆପଡ଼ା ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ବ୍ଲକ୍ ପଂଚାୟତ୍ ସମିତି ସମ୍ମିଳନୀ କକ୍ଷ ନ ସ୍ୱତନ୍ତ୍ର ଭୋଟର୍ ତାଲିକା ସଘନ ସଂଶୋଧନ୍ କାର୍ଯ୍ୟକ୍ରମ୍ ଅଧୀନ୍‌ଥି ଆପତି ଅଭିଯୋଗ୍ ଶୁଣାଣି ଶିବିର୍ ହେଇଯାଇଛେ । ବୁଥ୍‌ସ୍ତରୀୟ ଅଧିକାରୀମାନେ ଇଥି ଯୋଗ୍ ଦେଇକରି ସବୁ ତଥ୍ୟ ଠୁଲାବାର୍ ସହେତେ ଦର୍‌କାର୍ ଅନ୍‌ସାରେ ୨୦୦୨ ମସିହାଥି ଥିବା ତାଲିକାର୍ ତଥ୍ୟ ଦଉଛନ୍ ।

ଜଳକ୍ରୀଡ଼ା ଆର୍‌ଏନ୍‌ୟୁ/ କଟକ୍

ମଧ୍ୟପ୍ରଦେଶ୍‌ର ଭୋପାଲ୍ ଠାନେ ହେଇଥିବା ଜାତୀୟ ଜଳକ୍ରୀଡ଼ା ଚାମ୍ପିଅନ୍‌ସିପ୍ -୨୦୨୬-୨୭ ଥି ଓଡ଼ିଶା ପୁଲିସ୍‌ର ପ୍ରତିନିଧିତ୍ୱ କରିଥିବା ପ୍ରତିଯୋଗୀମାନେ ଉଲ୍ଲେଖନୀୟ ସଫଳତା ହାସଲ୍ କରିଛନ୍ । ଖେଲାଲିମାନେ ଭିନ୍ ଭିନ୍ ପ୍ରତିଯୋଗିତାଥି ୨ ଟା ସ୍ୱର୍ଣ୍ଣ, ୫ ଟା ରୌପ୍ୟ ଆଉ ଗୁଟେ କାଂସ୍ୟ ପଦକ୍ ସହେତେ

ମୋଟ୍ ୮ ଟା ପଦକ୍ ଜିତିକରି ରାଜ୍ୟ ଲାଗି ଗୌରବ୍ ଆନିଛନ୍ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଉତର୍ ପଶ୍ଚିମ ବଙ୍ଗୋପ୍‌ସାଗର୍ ଆଉ ତାର୍ ଆଖର୍‌ପାଖର୍ ଇଲାକା ନ ହେଇଥିବା ଘୂର୍ଣ୍ଣିବଳୟ ଆଏବା କାଏଲ୍‌ତକ୍ ଲଘୁଚାପ୍ କ୍ଷେତ୍ରଥି ବଦ୍‌ଲିବାର୍ ସମ୍ଭାବନା ରହିଛେ । ଇତାର୍ ପ୍ରଭାବ୍‌ଥି ଆଏବା ୨୪ ଘଂଟା ଭିତ୍‌ରେ ରାଜ୍ୟର୍ ପାଖାପାଖି ସବୁ ଇଲାକା ନ ବର୍ଷା ହେବାର୍ ସମ୍ଭାବନା ଅଛେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସୂଚ୍‌ନା ଦିଆଯାଇଛେ । ଇ ସମିଆ ଭିତ୍‌ରେ ଭିନ୍ ଭିନ୍ ଜାଗା ନ ବିଜ୍‌ଲି, ଘଡ୍‌ଘଡ଼ି ସାଙ୍ଗେ ବର୍ଷା ହେବା ବଲି ସତର୍କ ସୂଚ୍‌ନା ଜାରି କରାଯାଇଛେ ।

ହୀରାକୁଦ୍ ଜଲ୍‌ଭଣ୍ଡାର୍ ଜଲ୍‌ସ୍ତର୍ ଆଏଜ୍ ସଞ୍ଝର୍ ୬ ବଜେତକ୍ ୬ ଶହ ୧୩ ଦଶ୍‌ମିକ୍ ୮/୫ ଫୁଟ୍ ରହିଛେ । ଇହାଦେ ୧୨ ଟା ଗେଟ୍ ଦେଇକରି ଫି ସେକେଣ୍ଡ୍‌ଥି ଜଲ୍‌ଭଣ୍ଡାର୍‌ନୁ ୨ ଲାଖ୍ ୧୬ ହଜାର୍ ଶହେ ୭୯ ଘନଫୁଟ୍ ପାଏନ୍ ଛଡ଼ାଯାଉଥିବାର୍ ବେଲେ ୨ ଲାଖ୍ ଶହେ ୩୦ ଘନଫୁଟ୍ ପାଏନ୍ ଆସୁଛେ ।